# ଗ୍ରାମପଥ

*ବିନୋଦ ଚନ୍ଦ୍ର ନାୟକ*
*(୧୯୧୯-୨୦୦୩)*

କବି ପରିଚୟ :

*କବି ବିନୋଦ ଚନ୍ଦ୍ର ନାୟକଙ୍କ ଜନ୍ମ ସୁନ୍ଦରଗଡ଼ ଜିଲ୍ଲାର ତେଲୀପାଲି ଗ୍ରାମରେ । ଓଡ଼ିଆ କାବ୍ୟ ପରମ୍ପରାରେ ସେ ଜଣେ ବିଶିଷ୍ଟ ରୋମାଣ୍ଟିକ କବି । ତାଙ୍କର ଚନ୍ଦ୍ର ଓ ତାରା, ନୀଳ ଚନ୍ଦ୍ରର ଉପତ୍ୟକା, ନଦୀଦେବୀ, ଇଳାବୃତ୍ତ ତଥା ସରୀସୃପ ଇତ୍ୟାଦି କବିତା ସଂକଳନ ପ୍ରଧାନ । ତନ୍ମଧ୍ୟରୁ 'ସରୀସୃପ' କବିତାସଂକଳନ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ।*

---

–୧–

ଦୂର ତାଳବଣ ଆକାଶେ ଶୁଣାଏ
ମାଟିର କବିତା କିସେ
ଏ ଗ୍ରାମର ପଥ ତହିଁ ଦିଗନ୍ତେ ମିଶେ ।
କ୍ଷେତ ପରେ କ୍ଷେତ,
କାଶଫୁଲ ଆଉ-
ବେଣାରେ ଜଟିଳା ପାଟ,
ପାଟ ପରେ ବଣ ବଣ ପାରି ହେଲେ
ମାମୁଘର ଗାଁ ଦିଶେ ।

–୨–

ପଥର ସେ ପାଖେ ବୁଣା ହରଡ଼ ଓ ବୁଟ,
ଆଗରେ ଚାରଣ ପଡ଼ିଆ ଗୋରୁର ଗୋଠ
ଶିମୁଳି ଶାଖାରେ
ବାହୁନେ କପୋତୀ
'ଉଠ୍ ପୁତା ଉଠ୍-
ଉଠ୍ ପୂରିଲାଣି ମାଣ',
ଏ ପାଖେ କଇଁର ପୋଖରୀ ଗାଧୁଆ ତୁଠ ।

–୩–

ଭୁଆସୁଣୀ ମାଜେ ପାଦର ପାହୁଡ଼ ଏଥି,
ମୁକୁଳା ବେଣୀରେ ପଖାଳେ ଦେଇଣ ମେଥି,
ନଣନ୍ଦ ତାହାର
ଅଧିକ ଚତୁରୀ
ଗାଲରେ ହଳଦୀ ମାଖେ
ହଲିଲା ପାଣିରେ ମୁହଁର ଛାଇକି ଦେଖେ ।

-୪-

ପୋଇଶାଗ ଆଉ ପାଣିକଖାରୁର ଲତା
ମାଡ଼ି ମାଡ଼ି ଆସି ଟପିଲାଣି ଘର ମଥା,
ସଜନାର ଶାଖୁଁ
ଝରିପଡ଼େ କେତେ ଫୁଲ
ବାଡ଼ ଦେହେ ପୁଣି ଅପରାଜିତାର ଛଟା ।

-୫-

ସେଇ ପଥେ ଫେରେ ଗ୍ରାମବଧୂ ସାରି
ସକାଳ ସ୍ନାହାନ ଏକା
ଧୂଳିରେ ଆଙ୍କି ସଜଳ ଚରଣ ରେଖା
ମାଆ ବୋଲି ଥରେ
ଡାକିବାକୁ ପ୍ରାଣ ଲୋଡ଼େ,
ପୃଥିବୀର ସମ ସହନଶୀଳା ସେ
ଅସୀମ କରୁଣାବତୀ
ନୟନେ ଶତେକ ଯୁଗର ବେଦନା ଲେଖା ।

-୬-

ଏ ପଥେ ଗ୍ରାମର ତରୁଣ ବିଦେଶ ଯାଏ
ଲେଉଟ ପଥକୁ ନୂତନା ଘରଣୀ
ଆକୁଳେ ଅନାଇ ଥାଏ ।
କି ବାରତା ତାରେ ଆଣେ
କିଏ ଜାଣେ
ଅଧାର ଲୋଭୀ ଏ କାକ !
ଏ ଗ୍ରାମଦେବତୀ
ସେ ବ୍ୟଥା ବୁଝେ କି ହାଏ !!

-୭-

ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି ବୁକୁର ମମତା ମୁଖର ମଧୁ
ପୁଅ ଝିଅ ନାତି ନାତୁଣୀରେ ରଖି
ମଶାଣି ଏ ପଥେ ଫେରେ
ଆସିବା ଜନର ସାକ୍ଷୀ ଏ ପଥ
ଫେରିବା ଜନର ବନ୍ଧୁ ।

-୮-

ଜହ୍ନ ଏ ପଥେ ଢାଳଇ ରଜତ ମାୟା
କୁମାରୀ ଦଳର ମିଳିତ କଣ୍ଠୁ
ସଙ୍ଗୀତ ଉଠେ ଆହା,
ଧାନ କ୍ଷେତେ ଚଳେ
କୃଷକ ତରୁଣ
ରାତ୍ରି ଶୟନ ପାଇଁ
ପ୍ରାନ୍ତର ଡେଇଁ ଧାଏଁ ଦେଖ ଦେଖ
ଭସାଣି ମେଘର ଛାୟା ।

-୯-

ଧୂଳିଘର ଛାଡ଼ି ଏ ପଥେ ଚଳଇ
ଶାଶୁଘର ଗାଆଁ ଝିଅ
ମାଆର ପଣତେ ବନ୍ୟା ରଚଇ
ଅମାନିଆ ଆଖି ଲୁହ ।
ଏ ପଥର ସ୍ମୃତି ଚେତନା ଲେଖଇ
ସେ କେଉଁ ଜନମ କଥା ।
ଛାତି ଫାଟିଯାଏ କ୍ରନ୍ଦନେ ତାର
ବିଧାତା କି ପାଇଁ ଏ ବିଧାନ କଲା କୁହ !

-୧୦-

ଶ୍ୟାମ ପ୍ରାନ୍ତରେ ଉଲଙ୍ଗ ଶିଶୁ ସମ
ଏ ପଥ ଘୁମାଏ,
ନୀଳନଭେ ଯଥା
ଛାୟାପଥ ମନୋରମ ।
ଗ୍ରାମ ଝରଣାରେ
ଲଙ୍ଘି ଏ ପଥ
ସରଗ ସୀମାକୁ ଧାଏଁ,
ସନ୍ୟାସୀ ସେ କି, ବିତରି କରୁଣାଧନ ।

-୧୧-

ବନ୍ଦନା ତତେ କରଇ ରେ ଗ୍ରାମପଥ !
ବାଳକ ବେଳର ହେ ମୋର ପ୍ରିୟ ସାଥୀ,
ଅୟୁତ ଦଣ୍ଡବତ ।

ସୂଚନା :

ରୋମାଣ୍ଟିକ୍ ଦୃଷ୍ଟିକୋଣରୁ ପ୍ରକୃତିର ବର୍ଣ୍ଣନା ଦେବାରେ କବି ସିଦ୍ଧହସ୍ତ । ଏହି ଦୃଷ୍ଟିରୁ ସେ ଓଡ଼ିଆ କବିତାକୁ ଦେଶ, କାଳ ଓ ପାତ୍ରର ସୀମା ମଧ୍ୟରୁ ମୁକ୍ତି ଦେଇଛନ୍ତି । ସଂପୃକ୍ତ କବିତାଟିରେ ଓଡ଼ିଶାର ଗ୍ରାମ୍ୟଜୀବନର ମଧୁର ଚିତ୍ର ରହିଛି । ଗ୍ରାମପଥକୁ ଆଧାର କରି ରଚନା କରାଯାଇଥିବା ଏହି କବିତାଟି ଅତ୍ୟନ୍ତ ହୃଦୟଗ୍ରାହୀ । କବିତାଟିର ଆବୃତ୍ତିଗତ ସୌନ୍ଦର୍ଯ୍ୟ ଉପଭୋଗ୍ୟ ।

ଶବ୍ଦାର୍ଥ :

କାଶଫୁଲ – ଶରତ କାଳରେ ଫୁଟୁଥିବା କାଶତଣ୍ଡୀ ଫୁଲ ।

ବେଣା – ବିଲ ବଣରେ ପରିଦୃଷ୍ଟ ଉଦ୍ଭିଦ ବିଶେଷ

ପାଟ – ବହୁଦୂରକୁ ବ୍ୟାପିଥିବା ନିମ୍ନଭୂମି, ଯାହା ଚାଷ କିଆରିରେ ପରିଣତ ହୋଇନଥାଏ ।

ଭୁଆସୁଣୀ – ବୁଆବୋହୂ

ପାହୁଡ଼ – ପାଦର ଅଳଙ୍କାର ବିଶେଷ, ପାଉଁଜ

କପୋତୀ – ମାଈ କାପ୍ତା ଚଢ଼େଇ
କପୋତୀର ଡାକ ବାହୁନିଲା ଭଳି ଶୁଭେ ।

ଆଧାର ଲୋଭୀ କାକ – ଲୋକ ବିଶ୍ୱାସ ଅଛି ଯେ, କୁଆ ଚାଳରେ ବସି କା କା ରାବି ଶୁଭବାରତାର ସୂଚନା ଦିଏ । ସେହି କୁଆକୁ ସେଥିଲାଗି ଚାଉଳ ଖାଇବାକୁ ଦିଆଯାଏ । ଏହି ଚାଉଳକୁ ଆଧାର (ଅଧାର) କୁହାଯାଏ ।

ଛଟା – ଶୋଭା

ଉଲଗ୍ନ – ଉଲଗ୍ନ, ଲଙ୍ଗଳା

ଛାୟାପଥ – ରାତିରେ ଲକ୍ଷ ଲକ୍ଷ ତାରା ଏକାଠି ଧଳା ମେଘ ଭଳି ଶୋଭା ପାଉଥିବା ଆକାଶର ଅଂଶ । ଏହା ଉତ୍ତରରୁ ଦକ୍ଷିଣକୁ ଲମ୍ବିଥାଏ ଏବଂ ଓସାରିଆ ରାସ୍ତା ଭଳି ଦିଶେ ।

## ପ୍ରଶ୍ନାବଳୀ

(ପ୍ରଦତ୍ତ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଉପଯୁକ୍ତ ଉତ୍ତରଟି ବାଛି ଲେଖ ।)

ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. 'ଗ୍ରାମପଥ' କବିତାରେ ବ୍ୟବହୃତ 'ମାଟିର କବିତା' ର ଅର୍ଥ କ'ଣ ?

(କ) ଗାଁର ଲୋକମାନେ ଗାଉଥିବା ଗୀତ । (ଖ) ଗ୍ରାମବାସୀଙ୍କ ଅନ୍ତରର ଅନୁଭବ ।

(ଗ) ବୃକ୍ଷମାନଙ୍କର ମର୍ମର ଧ୍ୱନି । (ଘ) ଧରାର ଅନ୍ତରର କଥା ।

୨. ଗ୍ରାମପଥକୁ କବି ଗଭୀର ଆଦର ଓ ସମ୍ମାନ ପ୍ରଦର୍ଶନ କରିବାର କାରଣ କ'ଣ ?

(କ) ଗ୍ରାମପଥର ଶୋଭା ଅତୁଳନୀୟ ।

(ଖ) ଏହି ପଥ ଦେଇ କବି ମାମୁଘରକୁ ଯିବାଆସିବା କରନ୍ତି ।

(ଗ) ଏହି ପଥଟି ଗ୍ରାମବାସୀଙ୍କର ଯାତାୟାତର ଏକମାତ୍ର ଅବଲମ୍ବନ ।

(ଘ) ଗ୍ରାମ୍ୟଜୀବନ ସହିତ ଗ୍ରାମପଥ ବହୁ ଭାବରେ ଜଡ଼ିତ ।

୩. 'ମାଆର ପଣତେ ବନ୍ୟା ରଚଇ ଅମାନିଆ ଆଖି ଲୁହ' – ଏହି ପଂକ୍ତିଟିର ଅର୍ଥ କ'ଣ ?

(କ) ଝିଅ ଶାଶୁଘରକୁ ଯିବାବେଳେ ତାର ମାଆ ଗଭୀର ଶୋକରେ ଅଶ୍ରୁ ବିସର୍ଜନ କରୁଛି ।

(ଖ) ଶାଶୁଘରକୁ ଯିବାବେଳେ ଝିଅ ଅଧୈର୍ଯ୍ୟ ହୋଇ ଲୁହ ଝରାଉଛି ।

(ଗ) ସମସ୍ତଙ୍କ ପ୍ରବୋଧନା ସତ୍ତ୍ୱେ ଝିଅ ଅମାନିଆ ହୋଇ କାନ୍ଦୁଛି ।

(ଘ) ଝିଅ ବିଦାହେବାର ଦୃଶ୍ୟ ଦେଖି ଅନ୍ୟ ଝିଅ ବୋହୂମାନେ କାନ୍ଦୁଛନ୍ତି ।

୪. ଗ୍ରାମପଥ କବିତାରେ କେଉଁ ଋତୁର ପଲ୍ଲୀଶୋଭା ବର୍ଣ୍ଣନା ଉପରେ କବି ଅଧିକ ଗୁରୁତ୍ୱ ଦେଇଛନ୍ତି ?

(କ) ବର୍ଷା (ଖ) ଶରତ୍ (ଗ) ଶୀତ (ଘ) ବସନ୍ତ

୫. ନିମ୍ନରେ ଦିଆଯାଇଥିବା ରେଖାଙ୍କିତ ଶବ୍ଦଟି ପାଇଁ ଡାହାଣପଟରେ କେତେକ ଅର୍ଥ ଦିଆଯାଇଛି । ପ୍ରତି ରେଖାଙ୍କିତ ପଦଟିର ଉପଯୁକ୍ତ ଅର୍ଥ ବାଛି ଲେଖ ।

(କ) ବାହୁନିବା
(i) ଦୋଷ ବାଛିବା
(ii) ଝୁରି ହେବା
(iii) ଗୁଣ ସୁମରି କାନ୍ଦିବା
(iv) ଲୁହ ଝରାଇବା

(ଖ) ଅପରାଜିତାର ଛଟା
(i) ପାଖୁଡ଼ା
(ii) ଛଳନା
(iii) କାନ୍ତି
(iv) ରଙ୍ଗ

(ଗ) ମୁଖର ମଧୁ
(i) ମିଠାକଥା
(ii) ମୁହଁର ସୌନ୍ଦର୍ଯ୍ୟ
(iii) ଅନ୍ତରର ସ୍ନେହ
(iv) ମଧୁର ହସ

ସପ୍ରସଙ୍ଗ ସରଳାର୍ଥ ଲେଖ ।

୬. ମାଆ ବୋଲି ଥରେ
ଡାକିବାକୁ ପ୍ରାଣ ଲୋଡ଼େ,
ପୃଥିବୀର ସମ ସହନଶୀଳା ସେ
ଅସୀମ କରୁଣାବତୀ

୭. ଆସିବା ଜନର ସାକ୍ଷୀ ଏ ପଥ
ଫେରିବା ଜନର ବନ୍ଧୁ ।

୮. ମାଆର ପଣତେ ବନ୍ୟା ରଚଇ
ଅମାନିଆ ଆଖି ଲୁହ ।
୯. ସନ୍ୟାସୀ ସେ କି
ବିତରି କରୁଣା ଧନ ।

କ୍ଷୁଦ୍ର ଉତ୍ତରମୂଳକ :

୧୦. ଆକାଶକୁ ମାଟିର କବିତା ଶୁଣାଇବା ନିମନ୍ତେ କବି ତାଳବଣକୁ କାହିଁକି ବାଛିଛନ୍ତି ?
୧୧. ମାମୁଘରକୁ ଗଲାବେଳେ ବାଟରେ କ'ଣ ପଡ଼ିବ ବୋଲି କବି କହିଛନ୍ତି ?
୧୨. ଶରତ୍ କାଳରେ ବାଡ଼ରେ କି ଫୁଲ ଫୁଟି ଶୋଭା ପାଏ ?
୧୩. କବି ଗ୍ରାମପଥକୁ କ'ଣ ବୋଲି ସମ୍ବୋଧନ କରିବାକୁ ଆଗ୍ରହୀ ହୋଇଛନ୍ତି ?
୧୪. ଗ୍ରାମବଧୂକୁ ପୃଥିବୀ ପରି ସହନଶୀଳା ବୋଲି କାହିଁକି କୁହାଯାଇଛି ?

---

୧୫. ଗୃହିଣୀମାନେ ଶୁଭବାରତା ପାଇବାକୁ କ'ଣ କରନ୍ତି ?
୧୬. ଗ୍ରାମପଥରେ ଆସିବା ଜନ ଓ ଫେରିବା ଜନ କାହାକୁ ଲକ୍ଷ୍ୟ କରି କୁହାଯାଇଛି ?
୧୭. 'କୁମାରୀ ଦଳର ମିଳିତ କଣ୍ଠସଙ୍ଗୀତ'–କେଉଁ ଉତ୍ସବକୁ ଲକ୍ଷ୍ୟ କରି କୁହାଯାଇଛି ?
୧୮. କୃଷକ ରାତିରେ କ୍ଷେତରେ ଶୋଇବାକୁ କାହିଁକି ଯାଏ ?
୧୯. ଗ୍ରାମପଥରେ କେଉଁ କରୁଣ ଦୃଶ୍ୟ ପ୍ରତିହୃଦୟକୁ ଅଭିଭୂତ କରେ ?
୨୦. ଗ୍ରାମପଥକୁ କବି କାହା କାହା ସହିତ ତୁଳନା କରିଛନ୍ତି ?
୨୧. ଗ୍ରାମପଥକୁ ସନ୍ୟାସୀ ବୋଲି କାହିଁକି କଳ୍ପନା କରାଯାଇଛି ?
୨୨. ଗ୍ରାମପଥ ସରଗ ସୀମାକୁ ଧାଏଁ– କହିବାର ତାତ୍ପର୍ଯ୍ୟ କ'ଣ ?

ଦୀର୍ଘ ଉତ୍ତରମୂଳକ :

୨୩ ଗ୍ରାମପଥରେ ଗ୍ରାମ୍ୟ ଜୀବନର ଯେଉଁ ଯେଉଁ ଦୃଶ୍ୟ ଦେଖାଯାଏ ତାହାର ବର୍ଣ୍ଣନା ଦିଅ ।
୨୪. ଗ୍ରାମପଥ ପଲ୍ଲୀ ଜୀବନର ବହୁ ଆନନ୍ଦ ବିଷାଦର ସାକ୍ଷୀ–ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।
୨୫. ଗ୍ରାମପଥକୁ କେନ୍ଦ୍ର କରି ପଲ୍ଲୀ ଜୀବନର ତିନୋଟି ମନୋରମ ଦୃଶ୍ୟ ବର୍ଣ୍ଣନା କର ।

ତୁମପାଇଁ କାମ :

୨୬. କବି ବିନୋଦ ଚନ୍ଦ୍ର ନାୟକଙ୍କ ଅନ୍ୟ କବିତା ଗ୍ରନ୍ଥଗୁଡ଼ିକ ସଂଗ୍ରହ କରି ପଢ଼ ।
୨୭. 'ଗ୍ରାମପଥ' ପରି ଓଡ଼ିଆ ସାହିତ୍ୟରେ ଅନ୍ୟ ଯେଉଁ କବିଙ୍କର ପଲ୍ଲୀ କବିତା ଅଛି ତାହା ସଂଗ୍ରହ କରି ପଢ଼ ।
୨୮. କପୋତୀର ବାହୁନା ସଂପର୍କରେ ରହିଥିବା କିମ୍ବଦନ୍ତୀଟି ସଂଗ୍ରହ କରି ଲେଖ ।